# 1979 ର ଓଡ଼ିଶା ଅଧିନିୟମ 28

## ବଲାଙ୍ଗୀର ପୌର ପରିଷଦ ( ନିର୍ବାଚନର ବିଧିମାନ୍ୟକରଣ) ଅଧିନିୟମ, 1979

[ ତା 17 ଅକ୍ଟୋବର, 1979ରେ ରାଜ୍ୟପାଳଙ୍କ ସମ୍ମତିପ୍ରାପ୍ତ, ଓଡ଼ିଶା ଗେଜେଟର ଏକ ଅସାଧାରଣ ସଂସ୍କରଣରେ ତା 19, ଅକ୍ଟୋବର, 1979ରେ ପ୍ରଥମେ ପ୍ରକାଶିତ ]

ବଲାଙ୍ଗୀର ପୌରପାଳିକାର ୱାର୍ଡ ସଂ 1 ସଂକ୍ରାନ୍ତରେ ନିର୍ବାଚନକୁ ବିଧିମାନ୍ୟ କରିବା ନିମନ୍ତେ ଏକ ଅଧିନିୟମ ।

ଭାରତ ଗଣରାଜ୍ୟର ତିରିଶତମ ବର୍ଷରେ ଓଡ଼ିଶା ରାଜ୍ୟର ବିଧାନମଣ୍ଡଳ ଦ୍ୱାରା ନିମ୍ନମତେ ଅଧିନିୟମ ହେଉ :-

ସଂକ୍ଷିପ୍ତ ନାମ ଓ ପ୍ରାରମ୍ଭ ।

1.(1) ଏହି ଅଧିନିୟମଟି ବଲାଙ୍ଗୀର ପୌର ପରିଷଦ (ନିର୍ବାଚନର ବିଧିମାନ୍ୟକରଣ) ଅଧିନିୟମ, 1979 ନାମରେ ଅଭିହିତ ହେବ ।

(2) ଏହା ତା 1 ମଇ, 1979 ରେ ବଳବତ୍ତର ହୋଇଛି ବୋଲି ବିବେଚିତ ହେବ ।

ନିର୍ବାଚନର ବିଧିମାନ୍ୟକରଣ ।

2. ଓଡ଼ିଶା ପୌର ଅଧିନିୟମ, 1950 ଓ ଓଡ଼ିଶା ପୌର ପରିଷଦ (ନିର୍ବାଚନର ମୁଲତବି) ଅଧାଦେଶ, 1978ରେ ଯାହାକିଛି ଥିବା ସତ୍ତ୍ୱେ, ବଲାଙ୍ଗୀର ପୌର ପାଳିକାରେ ୱାର୍ଡ ସଂ 1 ର ଭୋଟଦାନ କେନ୍ଦ୍ର ସଂ 1 ରେ ତା 12 ଫେବୃୟାରୀ 1979ରେ ଉକ୍ତ ପୌରପାଳିକାର ସଭାଧକ୍ଷ ଓ ଉକ୍ତ ୱାର୍ଡର ପାରିଷଦ ନିମନ୍ତେ ଅନୁଷ୍ଠିତ ହୋଇଥିବା ମତଦାନ ଏବଂ ବଲାଙ୍ଗୀର ଜିଲ୍ଲାପାଳଙ୍କ ଦ୍ୱାରା ତା 19 ଫେବୃୟାରୀ, 1979ରେ ଉକ୍ତ ପୌରପାଳିକାର ନିର୍ବାଚିତ ସଭାଧକ୍ଷ ଓ ପାରିଷଦମାନଙ୍କର ନାମର ପ୍ରକାଶନ ବିଧିସମ୍ମତଭାବେ ଅନୁଷ୍ଠିତ ହୋଇଥିଲା ଓ କରାଯାଇଥିଲା ବୋଲି ବିବେଚିତ ହେବ ଏବଂ ତା 1 ଫେବୃୟାରୀ, 1979ର ପରବର୍ତ୍ତୀ ଏକ ତାରଖରେ ଉପରୋକ୍ତଭାବେ ମତଦାନ ଓ ନାମର ପ୍ରକାଶନ କରାଯାଇଥିଲା ବୋଲି କେବଳ ମାତ୍ର କାରଣରୁ ସେପରି ନିର୍ବାଚନ ଓ ପ୍ରକାଶନକୁ କୌଣସି ନ୍ୟାୟଳୟରେ ଆପତ୍ତି କରାଯାଇପାରିବ ନାହିଁ ।

ନିରସନ

3. ଏତଦ୍ଦ୍ୱାରା ବଲାଙ୍ଗୀର ପୌରପରିଷଦ (ନିର୍ବାଚନର ମୁଲତବି) ଅଧାଦେଶ, 1979 ନିରସିତ ହେଲା ।